# ଦୁର୍ଗମ ଅଞ୍ଚଳରେ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି

**ନିଆରା ଗୁରୁ ଜଗଦୀଶ ଦୋରା**

**ଅବସର ପରେ ବି ଛାଡ଼ିନାହାନ୍ତି ଶିକ୍ଷକତା ନିଶା**

ରାୟଗଡ଼ା,୪।୯(ଭାଗ୍ୟଶ୍ରୀ ମିଶ୍ର)

ଗୁରୁବାର ଗୁରୁଦିବସ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟରେ ଗୁରୁଙ୍କୁ ସମ୍ମାନିତ କରାଯିବା ସହ ପୂଜା କରାଯାଏ। ଏହାର ପ୍ରତିବଦଳରେ ଗୁରୁ ଶିଷ୍ୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାନ୍ତି । ରାୟଗଡ଼ା ଜିଲାର ଏମିତି ଜଣେ ଅନନ୍ୟ ଗୁରୁ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ସାମାଜିକ କର୍ମୀ ଜଗଦୀଶ ଚନ୍ଦ୍ର ଦୋରା(୬୩)। ଶିକ୍ଷାଦାନ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ଚାକିରିରୁ ଅବସର ନେବା ପରେ ମଧ ଥକିପଡ଼ିନାହାନ୍ତି। ୨୦୨୨ରେ ଅବସର ଗ୍ରହଣ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ୟୁନିସେଫ୍‌ରେ କାମ କରିବାର ସୁଯୋଗ ମିଳିଲା, କିନ୍ତୁ ନିଜ ଜିଲାରେ ଆଦିବାସୀ ପିଲାଙ୍କୁ ଶିକ୍ଷାଦାନ ପାଇଁ ସେ ନିଷ୍ପତ୍ତି ନେଲେ। ସେବେଠାରୁ ସେ ଦୁର୍ଗମ ଅଞ୍ଚଳ ସିଙ୍ଗନାପୁର, କୁଞ୍ଜେସୁ, ପାଲିଗୁଡ଼ା, ଜାରକା ଭଳି ଗାଁକୁ ଯାଇ ଆଦିବାସୀ ପିଲାଙ୍କୁ ବିନା ପାରିଶ୍ରମିକରେ ଶିକ୍ଷାଦାନ କରାଇବା ସହ ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ଚେଷ୍ଟା କରନ୍ତି। ଅନେକ ଡ୍ରପ୍ ଆଉଟ ପିଲାଙ୍କୁ ବିଦ୍ୟାଳୟମୁହାଁ ମଧ କରାଇଛନ୍ତି।

ଜଗଦୀଶ ଦୋରାଙ୍କ ନିଜ ଘର ହେଉଛି କୋଲନରା ସଦରରେ । ହେଲେ ସେ ପିଲାଟି ଦିନରୁ ନିଜ ମାମୁଘର ଗୁଡ଼ାରିରେ ରହି ପାଠ ପଢ଼ିଛନ୍ତି। ପିଲାଟି ଦିନରୁ ସରକାରୀ ବିଦ୍ୟାଳୟ ବ୍ୟବସ୍ଥାରେ ସେ ସନ୍ତୁଷ୍ଟ ନ ଥିଲେ। ତେଣୁ ଶିକ୍ଷାଦାନ ପଦ୍ଧତିଠାରୁ ସେ କିଛି ଭିନ୍ନ କରିବାର ସ୍ୱପ୍ନ ଦେଖୁଥିଲେ। ସୌଭାଗ୍ୟରୁ ସେ ଶିକ୍ଷକତା କରିବାର ସୁଯୋଗ ପାଇଲେ। କେବଳ ପିଲାଙ୍କୁ ପାଠ ପଢ଼ାଇବା ଶିକ୍ଷକଙ୍କ କର୍ତ୍ତବ୍ୟ ନୁହେଁ ବରଂ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବା ଶିକ୍ଷକଙ୍କ ଦାୟିତ୍ୱ ବୋଲି ଜଗଦୀଶ ଦୋରା କହିଛନ୍ତି। ବିଦ୍ୟାଳୟରେ ପାଠ ପଢ଼ାଇବା ସମୟରେ ନାଚ, ଗୀତ, ଖେଳ, ଡ୍ରାମା, ବୁଲିବା, ଗପ କହି ପିଲାଙ୍କୁ ପାଠ ପଢ଼ାଇଲେ ପିଲାମାନେ ଅଧିକ ଆଗ୍ରହ ପ୍ରକାଶ କରୁଥିବା ସେ କହିଛନ୍ତି । ତାଙ୍କ ଚାକିରି ଜୀବନର ୩୬ ବର୍ଷ ମଧ୍ୟରେ ସେ ୭ଟି ଜାଗାରେ କାମ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ତାଙ୍କର ଅଭିନ୍ନ ପ୍ରୟାସ ପାଇଁ ସେ ଅନେକ ଥର ପୁରସ୍କାର ପାଇଛନ୍ତି। ୨୦୧୭ରେ ରାଜ୍ୟପାଳଙ୍କଠାରୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର, ୨୦୧୧ରେ ଗ୍ରାମାଞ୍ଚଳର ଆଦିବାସୀ ପିଲାଙ୍କୁ ନେଇ ସରକାରୀ ବିଦ୍ୟାଳୟରେ ଡକୁମେଣ୍ଟାରି ଫିଲ୍ମ (ମହକ) କରି ରାଜ୍ୟ ସରକାରଙ୍କ ଦ୍ୱାରା ଗାରିମା ସମ୍ମାନରେ ସମ୍ମାନିତ ହୋଇଥିଲେ। ଖାଲି ସମୟରେ ସେ ଅନେକ ପିଲାଙ୍କୁ ଚିତ୍ରାଙ୍କନ, ପ୍ରୋଜେକ୍ଟ କରିବା ସହ ଶିକ୍ଷାଦାନ କରିଥାନ୍ତି।


ଜଗଦୀଶ ସାର୍ ପିଲାଙ୍କୁ ପାଠ ପଢ଼ାଉଛନ୍ତି।

# ଆକ୍ସନ ମୋଡ୍‌ରେ ପୋଲିସ, ୧୪ ଗିରଫ

**କଲେଜ ଛାତ୍ରଙ୍କୁ ଅଣଛାତ୍ରଙ୍କ ମାରପିଟ ଘଟଣା**

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର କଲେଜ ଛାତ୍ରଙ୍କୁ ଅଣଛାତ୍ର ମାରପିଟ ଘଟଣାରେ ଆହତ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଆକ୍ସନ ମୋଡ୍‌ରେ ପୋଲିସ। ଏହି ଘଟଣାକୁ ଗୁରୁତର ସହ ନେଇ ଏସ୍‌ପି ହରିଶା ବିସି ଟିମ୍ ସହ ମଙ୍ଗଳବାର ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ମାରପିଟ କରିଥିବା ଅଣଛାତ୍ରଙ୍କ ଅଞ୍ଚଳକୁ ଯାଇ ସେମାନଙ୍କୁ ଟ୍ରାକ୍ କରିଥିଲେ। ମିଳିଥିବା ସୂଚନା ଅନୁସାରେ ଖବର ଲେଖାଯିବା ପର୍ଯ୍ୟନ୍ତ ଏହି ମାରପିଟ ଘଟଣାରେ ଜଡ଼ିତ ଥିବା ୧୪ଜଣଙ୍କୁ ଗିରଫକରି ପୋଲିସ ପଚରାଉଚୁରା କରୁଥିବା ଜଣାପଡ଼ିଛି । ତେବେ ଗୋଷ୍ଠୀ ସଂଘର୍ଷକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରୁ ରାୟଗଡ଼ା ସହରର ବିଭିନ୍ନ ଛକ, ଗଳିକନ୍ଦି, କୋଟାପେଟା, ଭୁଜବଳ ଆଦି ସ୍ଥାନରେ ପୋଲିସ କର୍ମଚାରୀ ସାଦା ପୋଷାକରେ ପଇଁତରା ମାରୁଥିବା ବେଳେ ପାଟ୍ରୋଲିଂକରି ନଜର ରଖାଯାଉଛି। ଏସ୍‌ପି ହରିଶା ବିସିଙ୍କ ନେତୃତ୍ୱରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଆଇଆଇସି କେକେବିକେ କହଁର ଓ ପୋଲିସ ଟିମ୍ ତଦନ୍ତକୁ ଜୋର କରିଛନ୍ତି । ଏହି ମାମଲାରେ ଜଡ଼ିତ ଥିବା ଅନ୍ୟ ଯୁବକଙ୍କୁ ପୋଲିସ ଖୋଜୁଛି ଏବଂ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବ ବୋଲି ଆଇଆଇସି କହଁର ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ପ୍ରାୟ ୪୦ ଜଣ ଅଣଛାତ୍ର କଲେଜ ଭିତରେ ପଶି କିଛି ଛାତ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ । ଏଥିରେ ୩ଜଣ ଛାତ୍ର ଆହତ ହୋଇଥିଲେ । ଚିକିତ୍ସା ପରେ ଆହତମାନେ ରାୟଗଡ଼ା ଟାଉନ ଥାନାରେ ଆକ୍ରମଣକାରୀଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ସେହିଭଳି କଲେଜ ଅଧକ୍ଷା ବବିଲତା ସରାଫ ମଧ ଥାନାରେ ଏତଲା ଦେଇଥିଲେ ।

# ମାଓବାଦୀ ବିରୋଧୀ ପୋଷ୍ଟର



ରାୟଗଡ଼ା/ମୁନିଗୁଡା,୪।୯(ଆଶିଷ ରଞ୍ଜନ ପଣ୍ଡା/ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ନିୟମଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ମୁଖ୍ୟତଃ କଲ୍ୟାଣସିଂହପୁର ଓ ମୁନିଗୁଡ଼ା ଥାନା ଅନ୍ତର୍ଗତ ନିୟମଗିରି ପାହାଡ଼ର ବିଭିନ୍ନ ଗାଁରେ ଏହି ପୋଷ୍ଟର ଲାଗିଥିବା ବୁଧବାର ସକାଳୁ ନଜରକୁ ଆସିଛି। ସଚେତନ ଡଙ୍ଗରିଆ ମଞ୍ଚ ପକ୍ଷରୁ ଏହା ଲଗାଯାଇଥିବା ନେଇ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟରରେ ମାଓବାଦୀ ସଂଗଠନକୁ ତୀବ୍ର ବିରୋଧ କରାଯାଇଛି। ବହୁ ବର୍ଷ ପୂର୍ବରୁ ମାଓବାଦୀମାନେ ଆମ ଅଞ୍ଚଳକୁ ଆସି ଆମ ସମସ୍ୟାର ସମାଧାନ କରିଦେବେ କହି ଆମ ସରଳତାର ସୁଯୋଗ ନେଲେ। ତା'ପରେ ଆମକୁ ବନ୍ଧୁକ ଓ ଗୁଳି ଦେଖାଇ ଭୟଭୀତ କଲେ। ମାଓବାଦୀମାନେ ଗଞ୍ଜେଇ ଓ କାଠମାଫିଆଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି । ତେଣୁ ମାଓବାଦୀଙ୍କଠାରୁ ଦୂରେଇ ରହିବାକୁ ଆହ୍ୱାନ କରାଯାଇଛି। ଏଭଳିକି ଶପଥ ନେଇ ଗାଁଗୁଡ଼ିକରେ ସେମାନଙ୍କୁ ପୂରାଇ ନ ଦେବା ଓ କୌଣସି ସହଯୋଗ କରିବାନାହିଁ ବୋଲି ମଧ ଲିଖିତ ରହିଛି। ତେବେ ପ୍ରକୃତରେ କିଏ ଏହି ପୋଷ୍ଟର ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

# ଜିଲାରେ ୧ ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ: ଶିବ ପଟ୍ଟନାୟକ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଭାଜପା ଏକ ଲକ୍ଷ ସଦସ୍ୟ ସଂଗ୍ରହ କରିବ ବୋଲି ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ କହିଛନ୍ତି। ଏଥିପାଇଁ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଜିଲାର ୨୫ଟି ମଣ୍ଡଳ ଅନ୍ତର୍ଗତ ୮୮୭ ବୁଥ୍‌ରେ ଏହି ସଭ୍ୟ ସଂଗ୍ରହ କାର୍ଯ୍ୟ ୪୦ ଦିନ ବ୍ୟାପି ଅନୁଷ୍ଠିତ ହେବ। ବୁଧବାର ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳୀରାମ ମାଝୀ, ଉପସଭାପତି ପଦ୍ମନାଭ ଦାସ, ସମ୍ପାଦିକା ଅଶ୍ୱିନୀ କଞ୍ଚଡା, ସଂଯୋଜକ ଅରୁଣ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଦଳ ପକ୍ଷରୁ ୩୦ ହଜାର ସଦସ୍ୟ କରାଯାଇଛି। ଏବେ ଏହା ୧ ଲକ୍ଷ କରାଯିବ। ଜଣେ ସକ୍ରିୟ ସଦସ୍ୟ ଅନ୍ୟୁନ ୧୦୦ ସଦସ୍ୟ କରିବେ। ମିସ୍ କଲ୍ ଜରିଆରେ ଏହି ସଦସ୍ୟତା ଚାଲିବ। ଜିଲାର ବିଭିନ୍ନ ସ୍ଥାନରେ ମୋବାଇଲ ନେଟୱର୍କ ନାହିଁ। ତେଣୁ ସେଠାରେ ସଭ୍ୟ ପୁସ୍ତକ ଜରିଆରେ କରାଯିବ ବୋଲି ଜିଲା ସଭାପତି କହିଛନ୍ତି । ବର୍ତ୍ତମାନ ସଦସ୍ୟତା ଅଭିଯାନ ବ୍ୟାପକ କରି କୋରାପୁଟ ଲୋକସଭା ଆସନ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଯାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବୁ ବୋଲି କାଳିରାମ ମାଝି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରତାପ ପୁଆଲା, ଜିଲା ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, କୋଲନରା ବ୍ଲକ ଉପାଧ୍ୟକ୍ଷ ହଳଧର ହିମିରିକା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)



ଇମ୍ଫା କାରଖାନାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟନିର୍ବାହୀ ସଂସ୍ଥା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନପକ୍ଷରୁ କେଲିଗୁଡା ପଞ୍ଚାୟତ ଅଧୀନସ୍ଥ କୁମ୍ଭାରଗୁଡା ଗ୍ରାମରେ ଏକ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଇମ୍ଫା ଗ୍ରୁପର ଫେରୋ ଏଲୋଏଜ ବ୍ୟୁରୋ ମୁଖ୍ୟ ସୁରେଶ ବାବୁ, ଇମ୍ଫାର ମୁଖ୍ୟ ଆଶିଷ କୁମାର ରାୟ, ସାଧାରଣ ମୁଖ୍ୟ ପରିଚାଳକ ଏମ. ଶ୍ରୀନିବାସ ଓ ଦେବାଶିଷ ମହାପାତ୍ର, କୋଲୋନରା ବ୍ଲକ ଉପାଧ୍ୟକ୍ଷ ହଳଧର ହିମିରିକା, କେଲିଗୁଡା ସରପଞ୍ଚ ସୁଶାନ୍ତି କୁଟ୍ରୁକା, ସମିତି ସଭ୍ୟା ଆଲମେ କାଡ୍ରାକା ଉପସ୍ଥିତ ରହି ପ୍ରକଳ୍ପକୁ ଗ୍ରାମବାସୀଙ୍କ ବ୍ୟବହାର ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ। ୫ ହଜାର ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ପାଣିଟାଙ୍କି ଜରିଆରେ ଷ୍ଟାଣ୍ଡପୋଷ୍ଟ ସ୍ଥାପନ ମାଧ୍ୟମରେ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି । ଗ୍ରାମବାସୀଙ୍କ ଦ୍ୱାରା ଗଠିତ କମିଟି ଏହାର ରକ୍ଷଣାବେକ୍ଷଣ କରିବାର ଦାୟିତ୍ୱ ବହନ କରିଛି । ଏହି ପ୍ରକଳ୍ପଟି ଐତିହାସିକ ପାତାଳେଶ୍ୱର ଶୈବକ୍ଷେତ୍ରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଥିବା ଯୋଗୁଁ ତୀର୍ଥଯାତ୍ରୀଙ୍କର ବହୁଳ ବ୍ୟବହାରରେ ଲାଗିପାରିବ।

# ୩ୟ ରେଳ ଲାଇନ କାର୍ଯ୍ୟ ସମୀକ୍ଷାକଲେ ଡିଆରଏମ୍


ଡିଆରଏମ୍ ଓ ଅନ୍ୟ ଅଧିକାରୀମାନେ ରେଳଲାଇନ କାର୍ଯ୍ୟ ଯାଞ୍ଚ କରୁଛନ୍ତି।

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)

ୱାଲଟିୟର ଡିଭିଜନ ଡିଆରଏମ ସୌରଭ ପ୍ରସାଦ ବୁଧବାର ରାୟଗଡ଼ା ଗସ୍ତରେ ଆସି ବିଜୟନଗରମ-ରାୟଗଡ଼ା ପର୍ଯ୍ୟନ୍ତ ନିର୍ମାଣାଧୀନ ତୃତୀୟ ରେଳ ଲାଇନ୍ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ଗସ୍ତ ବେଳେ ରାୟଗଡ଼ା ରେଳ ଷ୍ଟେଶନଠାରେ ଥିବା ରନିଂ ରୁମ୍ ଏବଂ ଷ୍ଟେଶନ କୋଠା ପରିଦର୍ଶନ କରିଛନ୍ତି । ଏହି ସମୟରେ ରେଳ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆର୍ଥିଂ ତାର ଲାଗି ବ୍ୟକ୍ତିଙ୍କ ମୃତ୍ୟୁ

ଟିକିରି,୪।୯ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଅଣ୍ଡିରାକଞ୍ଚ ଥାନା ଅନ୍ତର୍ଗତ କୋଡ଼ିପାରି ପଞ୍ଚାୟତ ଶିଳାଫାସ ଗ୍ରାମରେ ମକା ଜମିରେ ଘାସ ସଫା କରିବାକୁ ଯାଇ ବିଦ୍ୟୁତ୍ ଖୁଣ୍ଟକୁ ସଂଯୋଗ ହୋଇଥିବା ଆର୍ଥିଂ ତାର ଲାଗି ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ ପରିବାର ଲୋକେ ଅଣ୍ଡିରାକଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ଶିଳାଫାସ ଗ୍ରାମର ସଦା ଝୋଡ଼ିଆ ସକାଳ ପ୍ରାୟ ସାଢେ ୧୦ଟା ବେଳେ ମକା ବାଡକୁ ଯାଇ କାମ କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ଖୁଣ୍ଟରେ ସଂଯୋଗ ଥିବା ଆର୍ଥିଙ୍ଗ ତାର ଲାଗି ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ଖବର ପାଇ ଅଣ୍ଡିରାକଞ୍ଚ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନା ଆଇ.ଆଇ.ସି ଅଶ୍ୱିନ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ତେବେ ଡାକ୍ତର ଡ୍ୟୁଟି ସାରି ଚାଲିଯାଇଥିବାରୁ ଗୁରୁବାର ସକାଳେ ବ୍ୟବଚ୍ଛେଦ କରାଯିବ ବୋଲି କାଶୀପୁର ମେଡ଼ିକାଲ ଇନଚାର୍ଜ ନେତ୍ରାନନ୍ଦ ନାୟକ କହିଛନ୍ତି । ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ମୃତଦେହକୁ ଜଗି ରହିଛନ୍ତି।

# ଚଳନ୍ତା ବସ୍‌ରେ ଶିଶୁକନ୍ୟା ଜନ୍ମଦେଲେ ମହିଳା

ଗୁଣପୁର,୪।୯( ପ୍ରଦୀପ କୁମାର ପାଢ଼ୀ )



ପାରଳାଖେମୁଣ୍ଡିରୁ ନବରଙ୍ଗପୁର ଯାଉଥିବା ଚଳନ୍ତା ବସ୍‌ରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି ଜଣେ ମହିଳା। ବସ୍‌ରେ ଥିବା ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ମହିଳା ଜଣଙ୍କ ନିରାପଦ ଭାବେ କନ୍ୟାସନ୍ତାନ ଜନ୍ମ ଦେଇଥିଲେ । ପରେ ପିଲା ଏବଂ ମା'ଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଖବର ଜଣାଯାଏ, ପାରଳାଖେମୁଣ୍ଡିରୁ ନବରଙ୍ଗପୁର ଯାଉଥିବା ବସ୍‌ରେ ଜଣେ ଗର୍ଭବତୀ ଆସୁଥିବା ବେଳେ ସନ୍ଧ୍ୟା ସାଢ଼େ ୭ଟାରେ ଗଜପତି ଜିଲା କାଶୀନଗରଠାରେ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ତେବେ ବସ୍‌ରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ଜଣଙ୍କ ଅତି ସତର୍କତାର ସହ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରସୂତିଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ଉଭୟ ମା'ଛୁଆ ସୁସ୍ଥ ଥିବା ମେଡ଼ିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ମହିଳା ଜଣଙ୍କ ଏପରି ଅବସ୍ଥାରେ ଆସୁଥିବା ବେଳେ ତାଙ୍କ ନିକଟରେ ତାଙ୍କର କୌଣସି ପରିଚିତ ଲୋକ ନ ଥିଲେ । ପ୍ରସୂତି ମହିଳାଙ୍କ ପରିଚୟ ମିଳିପାରି ନାହିଁ। ତେବେ ଏ ପରିସ୍ଥିତିରେ ସେ କାହିଁକି ଯାତ୍ରା କରି କୁଆଡେ ଯାଉଥିଲେ ତାହା ଆଲୋଡନ ସୃଷ୍ଟି କରିଛି ।

# ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଗ୍ରାମବାସୀ

**ଗୋଟିଏ ସ୍ଥାନରେ ୨୫ ବର୍ଷ ଚାକିରି ଘଟଣା**

ବିଷମକଟକ,୪।୯(ପ୍ରସନ୍ନ କୁମାର ପଣ୍ଡା)

ଗୋଟିଏ ସ୍ଥାନରେ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ବିଷମକଟକ ବ୍ଲକ୍ ହାଟ ମୁନିଗୁଡାରେ ତେଜୁଛି ଅସନ୍ତୋଷ। ହାଟମୁନିଗୁଡା ଏମ୍‌ଇ ସ୍କୁଲର ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ପ୍ରାୟ ୬ ମାସ ହେଲା ଜିଲାପାଳଙ୍କଠାରୁ ଆରମ୍ଭ କରି ଶିକ୍ଷା ବିଭାଗ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ କାହିଁକି ତାଙ୍କୁ ବଦଳି କରାଯାଉ ନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଯଦି ସପ୍ତାହ ମଧ୍ୟରେ ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କୁ ବଦଳି କରା ନ ଯାଏ ତାହେଲେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ସୂଚନା ଦେଇଛନ୍ତି ।

# ଡଙ୍ଗରିଆ କନ୍ଧଙ୍କୁ ସଚେତନ କଲେ ଅଧିକାରୀ


ଜଣେ ଡଙ୍ଗରିଆ କନ୍ଧ ମହିଳାଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ବିଷମକଟକ, ୪।୯(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍ ପରମାଗୁଡ଼ା ଗ୍ରାମରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନର ଅଭିସମ୍ପୃକ୍ତୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡଙ୍ଗରିଆ କନ୍ଧ ବସବାସ କରୁଥିବା ତାଣ୍ଡା, ଦୁଆରଗୁଡ଼ି, କୋଡିଗୁମା, କୋଚରଲା, ବରୀଗୁଡା ଆଦି ଗ୍ରାମର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଜନଜାତି ସମୁଦାୟ ଯୋଗଦେଇଥିଲେ। ବିଷମକଟକ ବିଡିଓ ସଦାଶିବ ନାୟକ, ତହସିଲଦାର କେ.ଭେଙ୍କଟେଶ୍ୱର ରେଡ୍ଡି, ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗବନ୍ଧୁ ମେହେର, ଡିକେଡିଏ ସଂସ୍ଥାର ସୁଦର୍ଶନ ପାଢ଼ୀ, ଓପିଲିପିର ତପନ କୁମାର ନାୟକ ଏବଂ ବ୍ଲକ୍ ନୋଡାଲ ଅଧିକାରୀଙ୍କ ସମେତ ପଞ୍ଚାୟତିରାଜ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀ ସମ୍ପଦ, ବିଦ୍ୟୁତ୍,ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଯୋଜନାରେ ସମସ୍ତଙ୍କୁ ପକ୍କାଘର,ପ୍ରତ୍ୟେକ ଘରକୁ ପାଣି, ପ୍ରତି ଗାଁକୁ ପକ୍କା ରାସ୍ତା, ପ୍ରତି ଘରକୁ ବିଜୁଳି, ସମସ୍ତଙ୍କୁ ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା, ପୋଷଣ, ଉନ୍ନତ ଟେଲିକମ୍ ସେବା ଓ ବନଧନ ବିକାଶ କେନ୍ଦ୍ର ମାଧ୍ୟମରେ ଉନ୍ନତ ଜୀନ ଧାରା, ଆୟୁଷ୍ମାନ ଭାରତ ପ୍ରଭୃତି ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ।

ଏହି ଅବସରରେ ୩୬ ଜଣଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ୩୬ ଜଣଙ୍କୁ ଜାତିଗତ ପ୍ରମାଣପତ୍ର,୨୫ ଜଣଙ୍କୁ ଆୟ ପ୍ରମାଣପତ୍ର ଓ ୧୭ ଜଣଙ୍କୁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**■ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ ନର୍ସ ଅଭାବ**

**■ସ୍ୱାସ୍ଥ୍ୟସେବାରେ ବ୍ୟାଘାତ**

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳା କାରଣରୁ ବୁଧବାର ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ କଲ୍ୟାଣସିଂହପୁର ବ୍ଲକ ପୋଲମା ପଞ୍ଚାୟତ ମାଣ୍ଡିପଦର ଗ୍ରାମର ତାଉଡୁ ବିଭୋର । ଉଚିତ୍ ସମୟରେ ଅକ୍ସିଜେନ୍ ଦିଆ ନ ଯିବା କାରଣରୁ ତାଉଡୁଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଝିଅ କିରଣଦେଇ ବାଛେଲି ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ତାଉଡୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରବର୍ଗ ତାଙ୍କୁ ବୁଧବାର ଦିନ ୨ଟା ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଭେଷଜ ବିଭାଗରେ ଶଯ୍ୟା ଖାଲି ନ ଥିବାରୁ ବାରଣ୍ଡାରେ ଚିକିତ୍ସିତ ହୋଇଥିଲେ । ଡାକ୍ତର ତାଙ୍କୁ ଦେଖିବା ପରେ ଅକ୍ସିଜେନ ଲଗାଇବା ପାଇଁ ଷ୍ଟାଫ ନର୍ସଙ୍କୁ କହିଥିଲେ । ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅକ୍ସିଜେନ ଲଗା ନ ଯିବାରୁ ତାଙ୍କ ସମ୍ପର୍କୀୟ ଯାଇ କହିବା ପରେ ଏକ ଅକ୍ସିଜେନ ମେଶିନ ଆଣିଥିଲେ ହେଁ ତାହା ଖରାପ ଥିବା କାରଣରୁ ଲାଗିପାରିଲା ନାହିଁ । ଫଳରେ ନିକଟସ୍ଥ କେବିନ୍‌ରେ ଥିବା ଏକ ମେଶିନ ଆଣି ଲଗାଇଥିଲେ। ଅକ୍ସିଜେନ ଲଗାଇବାରେ ବିଳମ୍ବ ଯୋଗୁ ତାଉଡୁଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୨ ଷ୍ଟାଫ ନର୍ସ ଅନୁମୋଦିତ ରହିଥିବା ବେଳେ ମାତ୍ର ୭୩ ଜଣ ଷ୍ଟାଫ ନର୍ସ ରହିଛନ୍ତି । ସେଥିମଧ୍ୟରୁ ୧୬ଜଣ ଷ୍ଟାଫ ନର୍ସ ଆଉଟସୋର୍ସିଂରେ ନିଯୁକ୍ତି ପାଇଥିଲେ । ହେଲେ ମଙ୍ଗଳବାରଠାରୁ ସମଗ୍ର ରାଜ୍ୟରେ ଆଉଟସୋର୍ସିଂ ଷ୍ଟାଫ ନର୍ସଙ୍କ କାମ ବନ୍ଦ କରିଦିଆଯାଇଥିବାରୁ ଆବଶ୍ୟକୀୟ ନର୍ସ ନ ଥିବା ଯୋଗୁଁ ମେଡ଼ିକାଲରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି । ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦି ଜିଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଏଭଳି ରହିଛି ତେବେ ୧୧ଟି ବ୍ଲକ, ପୌରାଞ୍ଚଳ ଓ ବିଜ୍ଞାପିତ ପରିଷଦ ସମେତ ଗ୍ରାମାଞ୍ଚଳରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା କିଭଳି ରହିଥିବ ତାହା ସହଜେ ଅନୁମେୟ । ତେଣୁ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ଷ୍ଟାଫ ନର୍ସ ନିଯୁକ୍ତି କରିବା ପାଇଁ ଦାବି ହୋଇଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ଆଉଟସୋର୍ସିଂ ଉଚ୍ଛେଦ କାରଣରୁ ମଙ୍ଗଳବାରଠାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଛନ୍ତି । ତେବେ ରାଜ୍ୟ ସରକାର ତୁରନ୍ତ ଏ ନେଇ ପଦକ୍ଷେପ ପୂର୍ବକ ନିଯୁକ୍ତି ଦେବେ ବୋଲି ରାଉତରାୟ କହିଛନ୍ତି ।


ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ବୃଦ୍ଧଙ୍କ ଚିକିତ୍ସା ଚାଲିଛି।

## ସଂକ୍ଷେପରେ

### କୁଇଜ୍ ପ୍ରତିଯୋଗିତାରେ ଭାଗନେଲେ ୨୨୦ ଛାତ୍ରୀଛାତ୍ର

ଜୟପୁର, ୪।୯(ପବନ ପାଣିଗ୍ରାହୀ) କୋରାପୁଟ ଜିଲା ଜୟପୁରସ୍ଥିତ ଜଗଦିଶ ଚନ୍ଦ୍ର ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ଜୟପୁର ବିଇଓ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଜୟପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗନେଇଥିଲେ। ଉପକନିଷ୍ଠରେ ୯୦, କନିଷ୍ଠରେ ୭୦ ଓ ବରିଷ୍ଠ ବିଭାଗରେ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଇଓ ଚନ୍ଦନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜୟପୁର କଲେଜ ଅଫ୍ ଫାର୍ମାସିର ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟାପିକା ଶୁଭସ୍ମିତା ଦାସ, ଏବିଇଓ କୈଳାସ ଚନ୍ଦ୍ର ଶତପଥୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିଷେକ ଭୁଇ, ଜଗଦୀଶ ଚନ୍ଦ୍ର ପୌର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍ ପ୍ରମୁଖ ସମ୍ମାନିତ ଅତିଥି ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଧନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜୟପୁର ବ୍ଲକ୍‌ର ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ

ଜୟପୁର,୪।୯(ପବନ ପାଣିଗ୍ରହୀ) ଜୟପୁର ପୌରପରିଷଦ ସଭାଗୃହରେ ପୌରପାଳିକା ପକ୍ଷରୁ ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷା ବି .ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଜୟପୁର ପୌରାଞ୍ଚଳର କାଉନ୍‌ସିଲରମାନଙ୍କୁ ସଚେତନ କରିଥିଲେ।

# ସ୍ଥିତି ଅନୁଧାନକଲେ ଉପଜିଲାପାଳ


ଅଧିକାରୀମାନେ ଶ୍ରେଣୀଗୃହରେ ପିଲାଙ୍କ ସହ ଆଲୋଚନା କରୁଛନ୍ତି।

**କେଡିଏଫ୍ ଆବାସିକ ବିଦ୍ୟାଳୟରେ ୬୯ ଛାତ୍ରୀଙ୍କ ବାନ୍ତି ଘଟଣା**

- ପିଲାଙ୍କଠାରୁ ବୁଝିଲେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା, ପାଠପଢ଼ା
- ପୁଷ୍ଟିକର ଖାଦ୍ୟ, ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱଦେବାକୁ ନିର୍ଦ୍ଦେଶ

କୁନ୍ଦୁରା, ୪।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଆସନା ପଞ୍ଚାୟତ ଉଦଲଗୁଡ଼ା କେଡିଏଫ୍ ଆବାସିକ ବିଦ୍ୟାଳୟରେ ସୋମବାର ୬୯ଜଣ ଅନ୍ତେବାସୀଙ୍କ ବାନ୍ତି ଘଟଣାକୁ ନେଇ ବୁଧବାର ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହା ଥିଲା ପିରିଅଡିକାଲ୍ ପରିଦର୍ଶନ। ସେ ସ୍କୁଲ ଓ ହଷ୍ଟେଲର ସମସ୍ତ ପ୍ରକାର ନଥିପତ୍ର ଯାଞ୍ଚ କରିଥିଲେ। ପାଠପଢ଼ା, ରୋଷେଇ ବ୍ୟବସ୍ଥା, ହଷ୍ଟେଲ ପରିସର ଓ ପରିମଳ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ଯାଇ ପାଠପଢ଼ା, ଖାଦ୍ୟ ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଛାତ୍ରୀଙ୍କୁ ପଚାରି ବୁଝିଛନ୍ତି। ସ୍କୁଲର ପାଠପଢ଼ା ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ଥିବା ଉପଜିଲାପାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଗତ ୨ ତାରିଖରେ ୬୯ ଜଣ ଛାତ୍ରୀଙ୍କ ବାନ୍ତି ଘଟଣା ସମ୍ପର୍କରେ ପଚାରିବାରୁ ଛାତ୍ରୀମାନେ ସୁସ୍ଥହୋଇ ହଷ୍ଟେଲକୁ ଫେରିଛନ୍ତି। ଜଣେ ଦୁଇଜଣ ଛାତ୍ରୀ ଚିକିତ୍ସିତ ହେଉଛନ୍ତି। ସେମାନେ ଶୀଘ୍ର ଭଲ ହୋଇ ଫେରିବେ। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଡାକ୍ତରୀ ଦଳ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତ୍ୱ ଦେବେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପିଲାଙ୍କ ପୁଷ୍ଟିକର ଖାଦ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଉପଜିଲାପାଳଙ୍କ ଏହି ଗସ୍ତବେଳେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଡେପୁଟି କଲେକ୍ଟର ସୁବ୍ରତ ସାହୁ, ଏଡିଡବ୍ଲ୍ୟୁଓ ଜୟପୁର ବୈଶାଳୀ ଦୋରା, କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଣ୍ଡାଘାଟିର ପ୍ରଥମ ଡାକ୍ତରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

ମାଲକାନଗିରି,୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ପ୍ରଥମ ଆଦିବାସୀ ଯୁବକ ମଙ୍ଗଳା ମୁଦୁଲିଙ୍କୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମାଲକାନଗିରି ଜିଲାପାଳ ଈଶ୍ୱର ପାଟିଲ, ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ ଏବଂ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି। ଏଥିସହ ପ୍ରଶାସନ ତରଫରୁ ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ମଙ୍ଗଳା ଚଳିତ ନୀଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢିବା ପାଇଁ ସୁଯୋଗ ପାଇଛନ୍ତି। ମାଲକାନଗିରି ଜିଲାରେ ଜଣେ ବଣ୍ଡା ଯୁବକଙ୍କ ଏପରି ସଫଳତାକୁ ଜିଲାବାସୀ ପ୍ରସଂଶା କରିବା ସହ ଏହା ଜିଲା ପାଇଁ ଗର୍ବ ବୋଲି ମତପ୍ରକାଶ ପାଇଛି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଭାଜପାର ସଦସ୍ୟତା ଅଭିଯାନ ନେଇ ଖବରଦାତା ସମ୍ମିଳନୀ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

କୋରାପୁଟ,୪।୯(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରାହଳୟରେ ଭାଜପା ପକ୍ଷରୁ କୋରାପୁଟ ଜିଲାର ସଦସ୍ୟତା ଅଭିଯାନ ନେଇ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ବୁଥ୍‌ସ୍ତରରୁ ଏହି ସଦସ୍ୟତା ଅଭିଯାନ ଗ୍ରହଣ କରାଯିବ ବୋଲି ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ କହିଛନ୍ତି। ଏହି ସଦସ୍ୟତା ଅଭିଯାନ ପୂର୍ବରୁ ଜିଲା ମଣ୍ଡଳ, ଶକ୍ତି କେନ୍ଦ୍ରସ୍ତରରେ ଶେଷ ହୋଇଛି। ଏହି ସଦସ୍ୟତା ଅଭିଯାନରେ ଭାଜପା ମଣ୍ଡଳସ୍ତରୀୟ କର୍ମକର୍ତ୍ତା ସାମିଲ ହୋଇ ୧୫୫୮ଟି ବୁଥସ୍ତରରୁ ସଦସ୍ୟଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମ ୨୮ ତାରିଖ ଯାଏ ଚାଲିବ। ଏହି ଖବରଦାତା ସମ୍ମିଳନୀରେ ଜିଲା ସଭାପତିଙ୍କ ସମେତ ଭାଜପା ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲା ସଦସ୍ୟତା ପ୍ରମୁଖ ଦେବେନ୍ଦ୍ର ମହାନ୍ତି, ସହ ପ୍ରମୁଖ ରାଜେନ୍ଦ୍ର ସାହୁ, ଜୟରାମ ଭୋଇ, ଚନ୍ଦ୍ରଶେଖର ରଥ, ବାସନ୍ତି ଶତପଥୀ, ଜୟପୁର ଭାଜପା ନେତା ଗୌତମ ସାମନ୍ତରାୟ, ପଟ୍ଟାଙ୍ଗି ଭାଜପା ନେତା ଚୈତନ୍ୟ ନନ୍ଦିବାଲିଙ୍କ ସହ ଜିଲାର ବରିଷ୍ଠ କାର୍ଯ୍ୟକାରୀ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୱାଇ.ସତ୍ୟ ନାରାୟଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆସିକା,୪।୯(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ କେ. ନୂଆଗାଁ ଗ୍ରାମରେ ବୁଧବାର ସକାଳେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର (୨୫)। କୃଷ୍ଣଚନ୍ଦ୍ର ଚାଷ କାମ ସାରି ଗାଧୋଇ ଯାଇଥିଲା ବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଲ ।ନଇ ନଂ.୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ବାଲିମେଳାର ୨ ଛାତ୍ର ମନୋନୀତ

କୋରୁକୋଣ୍ଡା,୪।୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳାସ୍ଥିତ ପି.ଏମ ଶ୍ରୀ ନବୋଦୟ ବିଦ୍ୟାଳୟ-୨ ର ଦୁଇ ଛାତ୍ର ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁମନୋନିତ ହୋଇଛନ୍ତି। ଝାଡଖଣ୍ଡର ରାଞ୍ଚି ସହରସ୍ଥିତ ବିର୍ଶାମୁଣ୍ଡା ଷ୍ଟାଡ଼ିୟମରେ ଗତ ମାସରେ ହୋଇଥିବା ଆନ୍ତଃରାଜ୍ୟ କ୍ରୀଡ଼ାରେ ଉଭୟ ଭାଗ ନେଇ ସଫଳତା ହାସଲ କରିଥିଲେ। ନବୋଦୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଚନ୍ଦନ ନାୟକ ଲଙ୍ଗ ଜମ୍ପରେ ଓ ୪୦୦ ମିଟର ହାଡଲ ରେସ୍‌ରେ ଅନନ୍ତ ବଡ଼ ନାୟକ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମା ଦେବ ପ୍ରସାଦ, କ୍ରୀଡ଼ା ଶିକ୍ଷକ ଆଦର୍ଶ ଶ୍ରୀନିବାସ, କ୍ରୀଡ଼ା ଶିକ୍ଷୟିତ୍ରୀ କୁସୁମ ମେରୀ ମାନକୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ଛାତ୍ର ଆଗାମୀ ଦିନରେ ଜାତୀୟସ୍ତରରେ ଖେଳିବେ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ପ୍ରସାଦ କହିଛନ୍ତି।


ଅତିଥିଙ୍କ ଗହଣରେ ଦୁଇ ଛାତ୍ର।

## ଜୟପୁର-ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ବିମାନ ଚଳାଚଳ ଆରମ୍ଭ

ଜୟପୁର, ୪।୯(ପବନ ପାଣିଗ୍ରାହୀ)

ଜୟପୁର-ଭୁବନେଶ୍ୱର ମଧ୍ୟରେ ଏବେ ସପ୍ତାହକୁ ୩ ଦିନ ବିମାନ ଚଳାଚଳ କରିବ। ସପ୍ତାହର ସୋମବାର,ବୁଧବାର ଓ ଶୁକ୍ରବାର ଏହି ବିମାନ ଚାଲିବ। ବୁଧବାର ଏହି ଦ୍ୱିତୀୟ ବିମାନ ଚଳାଚଳ ଆରମ୍ଭ ହୋଇଛି। ସକାଳ ୭ଟା ୨୦ ମିନିଟରୁ ଏହି ବିମାନ ଭୁବନେଶ୍ୱର ବିଜୁପଟ୍ଟନାୟକ ଏୟାରପୋର୍ଟରୁ ବାହାରି ୮ଟା.୫୫ ମିନିଟରେ ଜୟପୁରରେ ପହଞ୍ଚି ଥିଲା। ପୁଣି ସକାଳ ୯ଟା ୧୫ ମିନିଟରୁ ବାହାରି ଜୟପୁରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ସେଠାରେ ୧୦ଟା ୪୫ ମିନିଟରେ ପହଞ୍ଚି ଥିଲା। ପ୍ରତିଦିନ ଭୁବନେଶ୍ୱରରୁ ଦିନ ୧୧ଟାରୁ ୧୫ ରୁ ବାହାରି ଅପରାହ୍ନ ୧୨ଟା ୫୦ ରେ ଜୟପୁର ପହଞ୍ଚିବ। ୨୦ ମିନଟ ରହଣିପରେ ବିଶାଖାପାଟଣା ଅଭିମୁଖେ ଅପରାହ୍ନ ୧.୧୦ ବାହାରିବ। ୨ଟା୧୦ ମିନ୍‌ଟରେ ବିଶାଖାପାଟଣାରେ ପହଞ୍ଚିବା ପରେ ସେଠାରୁ ପୁଣି ୨ଟା ୪୫ ରେ ବାହାରି ୩ଟା ୩୫ରେ ଜୟପୁରରେ ପହଞ୍ଚି ଥିଲା। ୩ଟା ୫୫ରେ ଯାତ୍ରୀଙ୍କୁ ଧରି ୫ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚିଛି। ଜୟପୁର ଅଭିମୁଖେ ଆସୁଥିବା ବିମାନ ରେ କୌଣସି ପରିବର୍ତ୍ତନ ହୋଇ ନଥିବା ଜଣାଯାଇଛି। ଉଡାଣ ଯୋଜନାରେ ଜୟପୁର ବିମାନ ବନ୍ଦର ପୁନରୁଦ୍ଧାର ପରେ ୨୦୨୨ ଅକ୍ଟୋବର ୩୧ରେ ବିମାନ ସେବା ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଜୟପୁର ମଧ୍ୟରେ ଇଣ୍ଡିଆନ ଓାନ ଏୟାରର ୯ ସିଟ ବିଶିଷ୍ଟ ବିମାନ ଚଳାଚଳ କରୁଥିଲା। ନଭେମ୍ବର ମାସରୁ ଜୟପୁରରୁ ବିଶାଖାପାଟଣା ସମ୍ପ୍ରସାରିତ କରାଯାଇଥିଲା। ୨୦୨୩ ନଭେମ୍ବର ୬ରୁ ଯାତ୍ରୀଙ୍କ ଭିଡ ବଢିବା ପରେ ଦ୍ୱିତୀୟ ବିମାନ ଚଳାଚଳ କରିଛି। ବିମାନଟି କେବଳ ସପ୍ତହର ସୋମବାର ଓ ଶୁକ୍ରବାର ଭୁବନେଶ୍ୱର - ଜୟପୁର - ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିଛି। ଭିଡକୁ ଦେଖି ବୁଧବାର ସେବା ଆରମ୍ଭ କରିଛି। ବିମାନ ବନ୍ଦର ସମ୍ପ୍ରସାରଣ ପକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ୩ସି ଅନୁମୋଦନ ଅପେକ୍ଷା ରେ ରହିଛି।

## ୧୦ ହଜାର ଜରିମାନା, ୩ ଦିନ ଦୋକାନ ସିଲ୍ ରାସ୍ତା ଉପରେ ଲୁହା ରଡ୍ ରଖି ବିକ୍ରି ଅଭିଯୋଗ

ଜୟପୁର, ୪।୯(ପବନ ପାଣିଗ୍ରାହୀ) ଜୟପୁର ବାଇପାସ୍ ରୋଡ୍‌ରେ ଥିବା ତାରାତାରିଣୀ ଟ୍ରେଡ୍‌ସଠାରୁ ପୌରପାଳିକା ଜରିମାନା ଆଦାୟ କରିଛି। ରାସ୍ତା ଉପରେ ଉଭୟ ପାର୍ଶ୍ୱରେ ରଡ୍ ରଖି ବିକ୍ରି କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଥିବା ଅଭିଯୋଗ ପାଇବା ପରେ ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ୧୦ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ୩ ଦିନ ପାଇ ଦୋକାନକୁ ସିଲ୍ କରାଯାଇ ଥିବା ଜଣାଯାଇଛି।

## ଜୟପୁର ପୌରପାଳିକାକୁ ଆସିଲା ଗାଡ଼ି ଟାଣିବା ମେଶିନ



ଜୟପୁର,୪।୯(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକାକୁ ପ୍ରଶାସନ ପକ୍ଷରୁ କୋରାପୁଟରୁ ଗାଡି ଟାଣିବା ମେସିନ୍ ଅଣାଯାଇଛି। ଏହାଦ୍ୱାରା ରାସ୍ତାକଡ଼ରେ ରହୁଥିବା ଗାଡ଼ିକୁ ଟାଣିବା ପୌରପାଳିକା ପାଇଁ ସହଜ ହେବ ବୋଲି ଜୟପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ସହରରେ କେତେଜଣ ଅମାନିଆ ଗାଡ଼ି ମାଲିକ ଓ ସୋ'ରୁମ୍ ମାଲିକ ଜାତୀୟ ରାଜପଥ ଏବଂ ମୁଖ୍ୟ ରାସ୍ତାକୁ ଅବରୋଧ କରିବା ଭଳି ଗାଡ଼ି ପାର୍କିଂ କରୁଛନ୍ତି। ସେମାନଙ୍କୁ ପ୍ରଶାସନ ବାରମ୍ବାର ଏ ନେଇ ଅବଗତ କରିଥିଲା। କିନ୍ତୁ ସେମାନେ ଏଥିରୁ ନିବୃତ୍ତ ନ ହୋଇ ରାସ୍ତା ଅବରୋଧ କରି ଚାଲିଥିଲେ। ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ଏହି ମେସିନ୍ ଆସନ୍ତା ଦିନରେ ବେଆଇନ ପାର୍କିଂ କରୁଥିବା ଗାଡ଼ିକୁ ଥାନାକୁ ଉଠାଇ ଆଣିବ ଏବଂ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବୁଧବାର ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରିଛନ୍ତି। ବିଶେଷ ଭାବେ ଜୟପୁର ଟାଉନ୍ ଏବଂ ସଦର ପୋଲିସ ଏହି ଦାୟିତ୍ୱ ନେଇଛନ୍ତି।

## ଅଧ୍ୟାପକଙ୍କୁ ମିଳିଲା ୨୩ ଲକ୍ଷର ଆଇସିଏସ୍ଏସ୍ଆର ପ୍ରକଳ୍ପ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

କୋରାପୁଟ,୪।୯(ଅମିତାଭ ବେହେରା)


ଡ. ମିନତୀ ସାହୁ।


ଡ. ସୌରଭ ଗୁପ୍ତା।

ନୂଆଦିଲ୍ଲୀସ୍ଥିତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ପକ୍ଷରୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ୨୩ ଲକ୍ଷ ଟଙ୍କାର ଗବେଷଣା ପ୍ରକଳ୍ପ ପ୍ରଦାନ କରାଯାଇଛି। ଭିଜନ ବିକଶିତ ଭାରତ@୨୦୪୭ ଉପରେ ସହଯୋଗୀ ଗବେଷଣା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଆହ୍ୱାନ ବିଷୟରେ ଏହି ପ୍ରକଳ୍ପ ପ୍ରସ୍ତାବ ଦାଖଲ କରାଯାଇଥିଲା। 'ବିକଶିତ ଭାରତ ପାଇଁ ମିଲେଟ୍ ମାଧ୍ୟମରେ ସ୍ଥାୟୀ ଜୀବିକା, ଖାଦ୍ୟ ନିରାପତ୍ତା ଏବଂ ଗ୍ରାମୀଣ ରୂପାନ୍ତରଣ: ଦକ୍ଷିଣ ଓ ପୂର୍ବ ଭାରତୀୟ ରାଜ୍ୟରୁ ପ୍ରାଥମିକ ଡାଟା ପ୍ରମାଣ' ଶୀର୍ଷକ ଏହି ପ୍ରସ୍ତାବକୁ ମିଳିତ ଭାବେ ଏକ ଗବେଷକ ଟିମ୍ ଦାଖଲ କରିଥିଲେ। ଯେଉଁଥିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ମିନତୀ ସାହୁ, ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଏବଂ ଏଚ୍‌ଓଡି (ଆଇ/ସି), ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତା ସହ-ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସାମିଲ ଥିଲେ। ଏହି ଟିମରେ ବାହ୍ୟ ସଦସ୍ୟ (ସହ-ପ୍ରକଳ୍ପ ନିର୍ଦ୍ଦେଶକ) ଅଛନ୍ତି ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ତଥା ଏଚ୍‌ଓଡି ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା, ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରାଜନୈତିକ ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ. ରାଜଶ୍ରୀ ପାଢ଼ୀ ଏବଂ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ସୁବୁଦ୍ଧି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଡ. ସାହୁ ଓ ଡ. ଗୁପ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟ ବିକାଶ ଦିଗରେ ସହଯୋଗ କରିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଫେସର ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ। କୋରାପୁଟ ସମେତ ପୂର୍ବ ଓ ଦକ୍ଷିଣ ରାଜ୍ୟକୁ ଫୋକସ୍ କରି ଗ୍ରାମୀଣ ଭାରତରେ ବାଜରା କିପରି ଖାଦ୍ୟ ଓ ଜୀବନଶୈଳୀ ସଂସ୍କୃତିରେ ପରିବର୍ତ୍ତନ ଆଣିଛି ସେ ସମ୍ପର୍କରେ ଏହି ପ୍ରକଳ୍ପ ଦ୍ୱାରା ଅନୁସନ୍ଧାନମୂଳକ ତଥ୍ୟ ମିଳିପାରିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶିକା ଡ. ମିନତୀ ସାହୁ କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ଜୟପୁର,୪।୯ (ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ମଙ୍ଗଳବାର ରାତିରେ ଜୟପୁର ଟାଉନ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାରିଣୀପୁଟର ରମେଶ ପାଙ୍ଗି। ୨୦୨୩ରେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତ ଫେରାର ଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଖୋଜୁଥିବାବେଳେ ମଙ୍ଗଳବାର ରାତିରେ ତାଙ୍କୁ ବାରିଣୀପୁଟରୁ ଗିରଫ କରାଯାଇଛି। ଅପହରଣ ଓ ବଳାତ୍କାର ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ନୂତନ ପରବ ପଡ଼ିଆରେ ହେବ ଲୋକ ମହୋତ୍ସବ

କୋରାପୁଟ,୪।୯(ଅମିତାଭ ବେହେରା)


କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ।

କୋରାପୁଟ ଜିଲାରେ ହେଉଥିବା ରାଜ୍ୟସ୍ତରୀୟ ପରବ ଉତ୍ସବ କୁମ୍ଭା ଗ୍ରାମ ନିକଟରେ ଥିବା ନୂତନ ପରବର ନିଜସ୍ୱ ପଡ଼ିଆରେ କରାଯିବ ନେଇ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ କହିଛନ୍ତି। ବର୍ତ୍ତମାନ ଏଥିନିମନ୍ତେ କାର୍ଯ୍ୟ ଜୋର ସୋରରେ ଚାଲିଥିବା ସେ ଧରିତ୍ରୀକୁ ସୂଚନା ଦେଇଛନ୍ତି। ସୂଚନା ଥାଉକି ଯେ ରାଜ୍ୟସ୍ତରୀୟ ପରବ ଉତ୍ସବ ନିମନ୍ତେ ସ୍ଥାୟୀ ମଣ୍ଡପ ନ ଥିବାରୁ ପ୍ରତି ବର୍ଷ ପରବ ଆସିଲେ ମଣ୍ଡପ ପାଇଁ ଚିନ୍ତା ବଢ଼ିଥାଏ। ଏଣୁ ସହର ମଧ୍ୟରେ ଥିବା କୁମ୍ଭା ଗ୍ରାମ ନିକଟରେ ଥିବା ପ୍ରାୟ ୨୫ ଏକର ସରକାରୀ ଜମିରେ ପରବ କରାଯିବା ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଏହି ସ୍ଥାନର ଉନ୍ନତିକରଣ ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ଏକ କୋଟି ଟଙ୍କା କୋରାପୁଟ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି। ପରବ ସମୟ ବେଳକୁ କାର୍ଯ୍ୟ ଶେଷ ହୋଇଯାଇଥିବ। ଏଣୁ ଚଳିତ ବର୍ଷ ପରବ ନିଜସ୍ୱ ସ୍ଥାୟୀ ମଣ୍ଡପରେ ହେବା ସୁନିଶ୍ଚିତ ବୋଲି ଜିଲାପାଳ କହିଛନ୍ତି। କୋରାପୁଟ ଦେଇ ବିଶାଖାପାଟଣା ଯାଇଥିବା ୨୬ ନଂ ଜାତୀୟ ରାଜପଥ ଶୋଚାନୀୟ ଅବସ୍ଥାରେ ଥିବାରୁ ଗାଡି ଚଳାଚଳ କରିବାରେ ସମସ୍ୟା ହେଉଥିବାରୁ ଏହାକୁ ମରାମତି କରିବା ନେଇ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆ ଯାଇଛି। ଏହା ତୁରନ୍ତ ଆରମ୍ଭ ହେବ ବୋଲି ଜିଲାପାଳ କହିଛନ୍ତି। ସେହିପରି କୋରାପୁଟ ସହରରେ ଜନସଂଖ୍ୟା ଓ ଗାଡି ମୋଟର ସଂଖ୍ୟା ବୃଦ୍ଧି ହେତୁ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ପ୍ରସ୍ତାବିତ ବାଇପାସ ରାସ୍ତା ନିମନ୍ତେ ବର୍ଦ୍ଧିତ ଅର୍ଥ ରାଶି ନେଇ ସରକାରଙ୍କୁ ସୁପାରିଶ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଜିଲାପାଳଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ



ନବରଙ୍ଗପୁର, ୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଜଣେ ଜଣାଶୁଣା ଚେହେରା ତଥା ଜିଲାପାଳଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ସୁରେଶ ଶାସ୍ତ୍ରୀ ଭାଜପାରେ ଯୋଗଦେଇଛନ୍ତି। ଦଳୀୟ ନୀତି ଆଦର୍ଶ, ବିଭିନ୍ନ ଜନ ହିତକର ଯୋଜନା, ରାଷ୍ଟ୍ରୀୟ ଭାବନା, ଦେଶପ୍ରେମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଆକୃଷ୍ଟ ହୋଇ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିବା ସେ କହିଛନ୍ତି। ଏହି ସମୟରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ଓ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗଣେଶପୂଜା ଚାନ୍ଦା ମାଗିବା ବାହାନାରେ ଲୁଟ୍ ଅଭିଯୋଗ

ଉମରକୋଟ, ୪।୯(ସନ୍ତୋଷ ଶତପଥୀ)

ଗଣେଶପୂଜା ଚାନ୍ଦା ଆଦାୟ କରିବା ବାହାନାରେ କେତେଜଣ ଦୁର୍ବୃତ୍ତ ୨ ବେପାରୀଙ୍କୁ ଲୁଟ କରିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇଯାଇଥିବା ବ୍ୟବସାୟୀମାନେ କହିଛନ୍ତି।

ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଉମରକୋଟକୁ କପଡ଼ା ଟଙ୍କା ଆଦାୟ ପାଇଁ ରାୟପୁରର କପଡ଼ା ବ୍ୟବସାୟୀ ଅନୁପ ଗଣ୍ଡିଆଲ ଓ ସତୀଶ ଏକ କାର୍ (ସିଜି-୦୭ବିଏସ୍-୪୯୩୭)ରେ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଉମରକୋଟରୁ ଡାବୁଗାଁ ଅଭିମୁଖେ ଟଙ୍କା ପାଇଁ ଯାଉଥିବାବେଳେ ଚାଟିଗୁଡ଼ା ଓ ବିଜାପୁର ମଧ୍ୟରେ କେତେଜଣ ଦୁର୍ବୃତ୍ତ



ଗଣେଶପୂଜା ଚାନ୍ଦା ଆଦାୟ କରିବାକୁ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ବେପାରୀ ଚାନ୍ଦା ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ଏକ ବନ୍ଧୁକ କାଢି କାର୍‌ର ଝରକା କାଚ ଭାଙ୍ଗିଦେବା ସହ ଜଣଙ୍କ କାନ ପାଖରେ ବନ୍ଧୁକ ରଖିଥିଲେ। ଏହାପରେ ଗାଡ଼ିରେ ଥିବା ଗୋଟିଏ ବ୍ୟାଗ୍ ନେଇ ସେମାନେ ପଳାଇଥିଲେ। ଉକ୍ତ ବ୍ୟାଗ୍‌ରେ ୧୩ ହଜାର ଟଙ୍କା ଏବଂ କିଛି ଦରକାରୀ ଜିନିଷ ଥିଲା ବୋଲି ବେପାରୀମାନେ କହିଛନ୍ତି। ଡାବୁଗାଁ ଆଇଆଇସି ସୁନୀଲ କୁମାର ପ୍ରଧାନଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

# କାମରେ ଲାଗୁନି ଆବର୍ଜନା ପୃଥକୀକରଣ ଗୃହ

ତେନ୍ତୁଲିଖୁଣ୍ଟି, ୪।୯(ଚିଦାନନ୍ଦ ସାହୁ)



ପରଜାବାରଙ୍ଗପଦର ପଞ୍ଚାୟତରେ ଥିବା ଆବର୍ଜନା ପୃଥକୀକରଣ ଗୃହ ।

ପଞ୍ଚାୟତ ସମିତିକୁ ଆସିଥିବା ସ୍ୱଚ୍ଛ ଭାରତ ମିଶନ ଅର୍ଥ ଓ ପଞ୍ଚାୟତର ଅର୍ଥକୁ ମିଶାଇ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଆବର୍ଜନା ପୃଥକୀକରଣ ଗୃହ ତିଆରି ହୋଇଛି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଥିବା ଏହି ଆବର୍ଜନା ପୃଥକୀକରଣ ଗୃହ କାମରେ ଲାଗୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କାହା ସ୍ୱାର୍ଥରେ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି।

ପ୍ରତି ଘରୁ ଅଳିଆ ସଂଗ୍ରହକରି ଉକ୍ତ ଆବର୍ଜନା ଗୃହରେ ଜୈବିକ ଓ ଅଜୈବିକ ଆବର୍ଜନା ଅଲଗା ଅଲଗା ରଖାଯିବ। ଜୈବିକ ଆବର୍ଜନାକୁ ଖତ ପ୍ରସ୍ତୁତିରେ ବ୍ୟବହାର ବ୍ୟବସ୍ଥା ସହ ଅଜୈବିକ ଆବର୍ଜନାକୁ ଜିଲାରେ ଥିବା ଆବର୍ଜନା ପରିଚାଳନା କେନ୍ଦ୍ରକୁ ନେଇ ପରବର୍ତ୍ତୀ ବ୍ୟବସ୍ଥା କରିବା ନିୟମ ରହିଛି। ପ୍ରତି ଗୃହରୁ ଆବର୍ଜନା ସଂଗ୍ରହ ପାଇଁ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦେବା ପ୍ରାବଧାନ ରହିଛି। ଉକ୍ତ ଗ୍ରୁପ୍ ଆବର୍ଜନା ସଂଗ୍ରହ ଓ ପରିଚାଳନା ବାବଦକୁ କେଉଁ ହାରରେ ଅର୍ଥ ପାଇବ ତା'ର ବ୍ୟବସ୍ଥା ରହିଛି। କିନ୍ତୁ କୌଣସି ପଞ୍ଚାୟତରେ ଏହି ଆବର୍ଜନା ପରିଚାଳନା ନେଇ କିଛି କାର୍ଯ୍ୟକ୍ରମ ହାତକୁ ନେଇ ନ ଥିବା ଦେଖାଯାଉଛି। ଏଣୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ କାହିଁକି ନିର୍ମାଣ କରାଯାଇଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ପଞ୍ଚାୟତରେ ଏ ସମ୍ପର୍କିତ କାର୍ଯ୍ୟ ପାଇଁ କେଉଁ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବ କେହି ଅବଗତ ନୁହନ୍ତି। ସମିତି ବୈଠକରେ ବିଡିଓ ବିସ୍ତୃତଭାବେ ବର୍ଣ୍ଣନା କରନ୍ତି କିନ୍ତୁ କାର୍ଯ୍ୟସ୍ଥଳରେ କାର୍ଯ୍ୟକାରୀ ହେଉନି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗୃହରେ ଚାବି ପଡ଼ି ରହୁଛି। କିଛି ସ୍ଥାନରେ ଟିଣ ଚୋରି ହୋଇଗଲାଣି ତ କିଛି ସ୍ଥାନରେ ଟିଣ ଉଡ଼ି ଗଲାଣି। କିଛି ସ୍ଥାନରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଗଲାଣି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ପ୍ରତି ପଞ୍ଚାୟତକୁ ମଇଳା ଉଠାଇବାକୁ ଟ୍ରାଇ ସାଇକେଲ ଦିଆଯିବ। ଏସ୍‌ଏଚ୍‌ଜି ମହିଳାଙ୍କୁ ଏହାର ଦାୟିତ୍ୱ ଦିଆଯିବା ବ୍ୟବସ୍ଥା କରାଯାଉଛି ବୋଲି ବିଡିଓ ପାଣିଗ୍ରାହୀ କହିଛନ୍ତି। ଯେଉଁ ଆବର୍ଜନା ପୃଥକୀକରଣ ଗୃହର ମରାମତି ଆବଶ୍ୟକ ତାହା କରାଯିବ ବୋଲି ସେ କହିଛନ୍ତି।

# 'କ୍ରାନ୍ତିକାରୀ ବିଚାରଧାରା ବ୍ୟକ୍ତି ସଦସ୍ୟତା ଗ୍ରହଣ କରୁଛନ୍ତି'

ନବରଙ୍ଗପୁର,୪।୯(ସଦାଶିବ ପ୍ରହରାଜ)

କୋରାପୁଟ ଜିଲା ମାଝିଗୁଡ଼ାସ୍ଥିତ ନୂତନ ଭାଜପା କାର୍ଯ୍ୟାଳୟରେ ଭାଜପା ସଦସ୍ୟତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ବଳଭଦ୍ର ମାଝୀ ଯୋଗଦେଇଥିଲେ। ଭାଜପା ପ୍ରତି ୩ ବର୍ଷରେ ଥରେ ସଦସ୍ୟତା ନେବାକୁ ପଡ଼େ। ପୁରୁଣା ଓ ନୂଆ ସଦସ୍ୟ ଏଥିରେ ଜଡ଼ିତ ହେବେ। ପରିବର୍ତ୍ତନ, କ୍ରାନ୍ତିକାରୀ ବିଚାରଧାରା ବ୍ୟକ୍ତି ଭାଜପାରେ ସଦସ୍ୟ ହେଉଛନ୍ତି। ଭାଜପାକୁ ସର୍ବବ୍ୟାପୀ କରିବାକୁ ନିର୍ଦ୍ଦେଶ ରହିଛି। ଦେଶ ଓ ସମାଜକୁ ଦୃଢ଼ କରିବା ପାଇଁ ଇଚ୍ଛୁକମାନେ ସଦସ୍ୟତା ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି। ସଦସ୍ୟତା କିଭଳି ନେଇହେବ, ତାହାର ଉଦାହରଣ ଓ ଡେମୋ ଦେଖାଇଥିଲେ। ପୂର୍ବରୁ ଅଫ୍‌ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯାଉଥିଲା। ଏବେ କଡିଂ, ହ୍ୱାଟ୍ସଆପ୍, ଅନ୍‌ଲାଇନ, ମିସ୍‌ଡକଲ୍, ଟେଲିଗ୍ରାମରେ ମଧ୍ୟ ଭାଜପାର ସଦସ୍ୟତା ନେଇପାରିବେ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଥିଲେ। ଭାଜପା ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ଚାଲିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ମନିଞ୍ଜର ଆର୍ଯ୍ୟ, ଜିଲା ଭଜପା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ପ୍ରହ୍ଲାଦ ତ୍ରିପାଠୀ, ଦେବଦାସ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଉପସ୍ଥିତ ଭାଜପା ନେତାମାନେ।

# ସହରର ସମସ୍ତ ପୂଜା କମିଟିକୁ ନେଇ ବୈଠକ



ବୈଠକରେ ଆଲୋଚନା ଚାଲିଛି।

ନବରଙ୍ଗପୁର,୪।୯ (ସଦାଶିବ ପ୍ରହରାଜ)

ଆଗକୁ ଗଣେଶ ପୂଜା। ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ପୂଜା ସାରିବାକୁ ସହରର ପୂଜା କମିଟି ସଦସ୍ୟମାନଙ୍କୁ ନେଇ ନବରଙ୍ଗପୁର ଥାନାରେ ଏକ ବୈଠକ କରାଯାଇଛି। ସହରର ଗାନ୍ଧୀନଗର, ନୂଆବନ୍ଧ ସାହି, ଦଶହରାପଦା, ବଡ଼ ହରିଜନ ସାହି, ସୌରା ସାହି ସହ ସମସ୍ତ ପୂଜା କମିଟି ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ମୁଖ୍ୟତଃ, ଶବ୍ଦ ପ୍ରଦ୍ୟୁଷଣ ନ କରିବା,ବିସର୍ଜନ ଶୋଭାଯାତ୍ରା ରାତି ୧୦ ସୁଦ୍ଧା ସାରିବା, ମୁଖ୍ୟ ରାସ୍ତାରେ ଟ୍ରାଫିକ ଜାମ ନ କରିବା ପାଇ ପୋଲିସ ପ୍ରଶାସନ ପକ୍ଷରୁ ପୂଜା କମିଟି ମାନଙ୍କୁ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। କିଏ କେଉଁ ଦିନ ବିସର୍ଜନ କରିବେ ପୋଲିସକୁ ସୂଚନା ଦେବାକୁ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଏସ୍‌ଡିପିଓ କୃଷ୍ଣ ଭତରା, ଟାଉନ ଥାନାଧିକାରୀ ସମ୍ବିତ ବେହେରାଙ୍କ ସହ ସମସ୍ତ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଯୋଗଦେଲେ ନୂତନ ଡିଆଇପିଆର୍‌ଓ

ନବରଙ୍ଗପୁର, ୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ନୂଆ ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ(ଡିଆଇପିଆର୍‌ଓ) ଭାବେ ମନୋଜ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଖବରଦାତାମାନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଜିଲା ପ୍ରଶାସନ ଓ ଖବରଦାତାଙ୍କ ମଧ୍ୟରେ ସମନ୍ୱୟ ରଖି କାମ କରି ଜିଲାକୁ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଖବରଦାତାମାନେ ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ଜିଲା ପ୍ରଶାସନର ବିଭିନ୍ନ ବିଭାଗ ସହିତ ଖବରଦାତା ମଧ୍ୟରେ ସୂଚନାର ଆଦାନ ପ୍ରଦାନ ପାଇଁ ଯୋଗାଯୋଗର ଥମାଧମକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ନୂତନ ଡିଆଇପିଆରଓଙ୍କୁ ଖବରଦାତାମାନେ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲା ସଂସ୍କୃତ ଅଧିକାରୀ ଘାସିରାମ ହରିଜନଙ୍କ ସମେତ ଜିଲାର ସମସ୍ତ ଗଣମାଧ୍ୟମର ଜିଲା ପ୍ରତିନିଧି ଉପସ୍ଥିତ ଥିଲେ।



# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି, ୪।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡାସ୍ଥିତ ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ବିଇଓ ସୌମେନ୍ଦ୍ର ଭୌମିକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ, ଏବିଇଓ ବାଲକଦାସ ରନ୍ଧାରୀ ଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ ଏବଂ ସୁଦର୍ଶନ ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଗଣିତ ଓ ବିଜ୍ଞାନ ବିଷୟକୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୦ ଜଣ ଛାତ୍ରୀଛାତ୍ର ଏହି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଏହି ପ୍ରତିଯୋଗିତା କରାଯାଇଛି। ସବ ଜୁନିୟରରେ ସୁଲଗ୍ନା ଦାସ ପ୍ରଥମ, ଅଞ୍ଜଳି ଭତ୍ରା ଦ୍ୱିତୀୟ ଓ କଳ୍ପନା ଦିଶାରୀ ତୃତୀୟ ହୋଇଛନ୍ତି। ଜୁନିୟର ବିଭାଗରେ ଦୀପିକା ବିଷୋୟୀ, ତନୁଶ୍ରୀ ନାୟକ ଓ ଦୀପ୍ତି ବିଷୋୟୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସିନିୟର ବିଭାଗରେ ଦେବସ୍ମିତା ସ୍ୱାଇଁ ପ୍ରଥମ, ଗୌରାଙ୍ଗ ନାୟକ ଦ୍ୱିତୀୟ ଓ ଦେବୀ ନାୟକ ତୃତୀୟ ହୋଇଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଜିଲା ଶ୍ରମ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ ଦାବି

**ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ନବରଙ୍ଗପୁର,୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶ୍ରମ ବିଭାଗକୁ ଦଲାଲ ମୁକ୍ତ କରିବା ନେଇ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ଅନେକ ଥର ଦଲାଲ ମୁକ୍ତ କରାଯିବା ନେଇ ଶ୍ରମ ଆୟୁକ୍ତଙ୍କ ନିକଟରେ ଆଲୋଚନା ପରେ କୌଣସି ଫଳ ମିଳିନାହିଁ। ୧୧ ତାରିଖ ସୁଧା ଦଲାଲମାନଙ୍କ ପ୍ରବେଶ ବନ୍ଦ କରା ନ ଗଲେ ୧୨ରୁ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

ଦଲାଲମାନଙ୍କ ସୁପାରିସ୍‌କ୍ରମେ ମୃତ୍ୟୁ ସହାୟତା ରାଶି ଓ ବିବାହ ସହାୟତା ରାଶି ପ୍ରଦାନ କରାଯାଉଛି। ମୃତ୍ୟୁ ସହାୟତା ରାଶି ପାଇଁ ଯେଉଁମାନଙ୍କ ଫାଇଲ ବନ୍ଦ କରାଯାଇଥିଲା ସେହିଗୁଡିକ ମଧ୍ୟ ଶ୍ରମ ଅଧିକାରୀ ଟଙ୍କା ଛାଡିଛନ୍ତି। ଦଲାଲମାନଙ୍କ ମାଧ୍ୟମରେ ଆସିଲେ ସମସ୍ତ କାମ ଅଧିକାରୀମାନେ ସଙ୍ଗେ ସଙ୍ଗେ କରୁଛନ୍ତି। କିନ୍ତୁ ଶ୍ରମ ସଙ୍ଗଠନର କୌଣସି ଆଥୋରାଇଜସନ ବ୍ୟକ୍ତି ଆସିଲେ ତାଙ୍କ କାମ ମାସ ମାସ ବିତିଯାଉଛି ହୋଇପାରୁ ନାହିଁ ବୋଲି ଶ୍ରମିକ ସଙ୍ଗଠନ ସଦସ୍ୟମାନେ କହିଛନ୍ତି। ଦଲାଲମାନେ ନାନା ପ୍ରକାର ପ୍ରଲୋଭନ ଦେଖାଉଥିବାରୁ ସେମାନଙ୍କ କାମ ଆଗରେ କରାଯାଉଥିବା ଏଥିରୁ ସ୍ପଷ୍ଟ ବୋଲି ଶ୍ରମିକ ସଙ୍ଗଠନ ସଦସ୍ୟମାନେ ଅଭିଯୋଗ କହିଛନ୍ତି। ନବରଙ୍ଗପୁର ଜିଲାର ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଦଲାଲ ରାଜ ଚାଲିଥିବା ଅଭିଯୋଗ କରି ତାହାକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ରର ନକଲ ଏସ୍‌ପି, ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା କୃଷି ଓ ଗ୍ରାମୀଣ ମଜଦୂର ସଙ୍ଘ ସଭାପତି ପରମେଶ୍ୱର ବିଷୋୟୀ, ଜିଲା ରାଜମିସ୍ତ୍ରୀ ସଂଘ ସଭାପତି ବିପିନ ନାଗ, ବିଶ୍ୱକର୍ମା ମଜଦୂର ସଂଘ ସମ୍ପାଦକ ଖଗେଶ୍ୱର ବିଷୟୀ, ଓଡ଼ିଶା କୋଠାବାଡ଼ି ମଜଦୂର ସଂଘ ସମ୍ପାଦକ ରାମ ବିଷୋୟୀ, ସ୍ୱାଭିମାନ କୁଲିମଜୁରିଆ ସଂଘ ସମ୍ପାଦକ ସୁଜିତ କୁମାର ହିଆଲଙ୍କ ସମେତ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ବୁଡି ମହିଳା ନିଖୋଜ

ଡାବୁଗାଁ, ୪।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଉମୁରାହାଣ୍ଡି ଗ୍ରାମ ନିକଟ ଅଙ୍ଗୀ ନଦୀରେ ବୁଧବାର ଅପରାହ୍ନରେ ଜଣେ ମହିଳା ଭାସି ଯାଇ ନିଖୋଜ ଅଛନ୍ତି। ସେ ହେଲେ ଡାବୁଗାଁ ବ୍ଲକ ଅଧୀନ ଉମୁରାହାଣ୍ଡି ଗ୍ରାମର ହରି ଭତ୍ରାଙ୍କ ସ୍ତ୍ରୀ ମୁକ୍ତା। ମୁକ୍ତା ସୁଭଦ୍ରା ଯୋଜନାରେ ସହାୟତା ରାଶି ପାଇବା ନିମନ୍ତେ ନିଜର ଆଧାର ପରିଚୟ ପତ୍ରରେ ମୋବାଇଲ ନମ୍ବର ଲିଙ୍କ କରିବା ପାଇଁ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଘରୁ ବାହାରି ଆସି ଗ୍ରାମ ପାଖ ଅଙ୍ଗୀ ନଦୀ ପାର ହେଉଥିଲେ। ଏହି ସମୟରେ ଗୋଡ଼ ଖସି ଯିବାରୁ ସେ ଭାସି ଯାଇଥିଲେ। ଦିନ ପ୍ରାୟ ୨ଟାରେ ସେହି ଗ୍ରାମର ଜଣେ ଲୋକ ନିଜ ଜମିକୁ ଫସଲ ଦେଖିବାକୁ ଆସିଥିଲେ। ନଦୀ କଡ଼ରେ ବୁଲିବା ସମୟରେ ମୁକ୍ତାଙ୍କୁ ଭାସୁଥିବା ଦେଖି ଗ୍ରାମବାସୀ ଓ ପରିବାର ଲୋକଙ୍କ ସହ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳିନାହିଁ। ରାତି ହେବାରୁ ଖୋଜାଖୋଜି ବନ୍ଦ ରହିଛି।

# ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା

ନନ୍ଦାହାଣ୍ଡି,୪।୯ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିଶନାହାଣ୍ଡିରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଇଓ ଜଗନ୍ନାଥ ଧାରୁଆ, ସ୍କୁଲ ପରିଚାଳନା କମିଟିର ସଭାପତି ରାଜମୋହନ ଭତରା, ଡବ୍ଲୁଇଓ ପ୍ରିୟଚାନ୍ଦ ମଲ୍ଲିକ, ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପାତ୍ର, ନନ୍ଦାହାଣ୍ଡି ଏବିଇଓ ହରିହର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ଏହି କୁଇଜ ପ୍ରତିଯୋଗିତା କରାଯାଇଛି। ସମସ୍ତ ବର୍ଗର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ଭାଗନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନାଗେଶ୍ୱରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ନନ୍ଦାହାଣ୍ଡି ବ୍ଲକର ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆର୍‌ସିସି ଏବଂ ବିଭିନ୍ନ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ମାନବିକତା ପ୍ରତିଷ୍ଠା, ବନ୍ଧୁତା ସ୍ଥାପନ ରେଡ୍‌କ୍ରସର ଲକ୍ଷ୍ୟ

ନବରଙ୍ଗପୁର,୪।୯ (ସଦାଶିବ ପ୍ରହରାଜ)



ବୈଠକରେ ଅଧିକାରୀ ଓ ଅନ୍ୟମାନେ।

ନବରଙ୍ଗପୁର ମିଶନଶକ୍ତି ସଭାଗୃହରେ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ଜିଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ରେଡ୍‌କ୍ରସର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।

ମାନବ ସେବା ହିଁ ମାଧବ ସେବା। ସେବା ହିଁ ରେଡ୍‌କ୍ରସର ଆଦ୍ୟ ଆଦର୍ଶ। ସମାଜରେ ଦୁଃଖୀ ଓ ଦରିଦ୍ରଙ୍କ ସେବା ପାଇଁ ରେଡ୍‌କ୍ରସ୍ ସର୍ବଦା ହାତ ବଢ଼ାଇ ଥାଏ । ରେଡ୍‌କ୍ରସ ମାନବିକତା ପ୍ରତିଷ୍ଠା ପାଇଁ ପାରିପାର୍ଶ୍ୱିକ ବୁଝାମଣା, ସହଯୋଗ ଓ ବନ୍ଧୁତ୍ୱ ବୃଦ୍ଧି କରିଥାଏ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ୨୦୨୩-୨୦୪ ମସିହାର ଆୟବ୍ୟୟର ହିସାବ ଉପସ୍ଥାପନା କରିଥିଲେ। ସମସ୍ତଙ୍କ ସହମତିରେ ଏହା ଗୃହରେ ପାରିତ ହୋଇଥିଲା। କୋଡ଼ିଙ୍ଗା ତହସିଲଦାର, ଡିଇଓ ଏବଂ ଜିଲା ଅବକାରୀ ବିଭାଗ ଅଧିକାରୀମାନେ ଆଶାନୁରୂପ ପାଣ୍ଠି ଆଦାୟ କରିଥିବାରୁ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। ଯେଉଁ ଅଧିକାରୀମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ୍‌କ୍ରସ୍ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରୀ କାଳୀନ ବିଭାଗରେ ପାଣ୍ଠି ପଇଠ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଆୟ ଅନୁସାରେ ବ୍ୟୟର ପରିମାଣ ଅଧିକ ଥିବାରୁ ଜିଲାପାଳ ଗୃହରେ କ୍ଷୋଭ ପ୍ରକାଶ କରି ରେଡ୍‌କ୍ରସ ପାଣ୍ଠିର ଆୟ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ସିଡିଏମ୍‌ଓ ଡ଼ା ମଳୟ କୁମାର ତ୍ରିପାଠୀ, ଜିଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଡେପୁଟି କଲେକ୍ଟର ମଧୁମିତା ପାମେଲା କର, ଡିଇଓ ଛତ୍ରପତି ସାହୁ, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ରାଧାଶ୍ୟାମ ଲାଇକ, ନବରଙ୍ଗପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଶଙ୍କର କେରକେଟା, ଡିଆଇପିଆର୍‌ଓ ଘାସିଆ ହରିଜନ, ନବରଙ୍ଗପୁର ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ, ରାକେଶ କୁମାର ପଟ୍ଟନାୟକଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତିତ ତହସିଲଦାର, ବିଡିଓ, ଶିଶୁ ବିକାଶ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

